# Akashvani, Sambalpur

## SAMBALPURI NEWS BULLETIN

### 5 January 2025- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ - ରାୟଗଡ଼ା ରେଲ୍‌ମଣ୍ଡଲ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବାକାଏଲ୍ ଓଡ଼ିଶାର୍ ରାୟଗଡ଼ା ରେଲ୍‌ମଣ୍ଡଲ୍ ଲାଗି ଆଭାସୀ ଜରିଏ ସହେତେ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ରାୟଗଡ଼ା ରେଲ୍‌ମଣ୍ଡଲ୍ ମୁଖ୍ୟାଳୟ ଭବନ୍ ତିଆର୍ ଲାଗି ପାଖାପାଖି ଶହେ ୭ କୋଟି ଟଙ୍କା ମଞ୍ଜୁର୍ କରାଯାଇଛେ । ଇତାର୍ ସଙ୍ଗେ କର୍ମଚାରୀମାନଙ୍କର ଲାଗି ଘର୍ ବନାବାର୍ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପର୍ ଭିଲ୍ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ୍ ଆର୍ ଉଦ୍‌ଘାଟନ୍ କର୍‌ବେ ।

ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଆଇ ଆଣ୍ଡ ପିଆର୍

ମୁଖ୍ୟମନ୍ତ୍ରୀ  ମୋହନ ଚରଣ ମାଝୀ ଆଏଜ୍ ଭୁବନଶ୍ୱେର୍ଠାନେ ଶହିଦ ମାଧୋ ସିଂହ ହାତଖର୍ଚ୍ଚା ଯୋଜ୍ନାର୍ ଶୁଭାରମ୍ଭ୍ କର୍‌ବେ । ଯୋଜ୍ନାଥି ଜନଜାତି ଛାତ୍ରଛାତ୍ରୀଙ୍କର୍ ଏକାଉଂଟକେ ଇ ଶିକ୍ଷା ବଛର୍ ଲାଗି ଏକାଥର୍‌କେ ୫ ହଜାର ଲେଖା ସାହାଜ୍ ଟଙ୍କା ଦିଆଯିବା ।

ପାଣିପଂଚାୟତ୍  ପକ୍ଷ            ଆଇ ଆଣ୍ଡ ପିଆର୍

ପାଣି ପଂଚାୟତ୍ ପକ୍ଷ ୨୦୨୫ ଆଏଜ୍ ଉଦ୍‌ଯାପିତ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ ମାଝୀ ଆଏଜ୍ ସଖାଲ୍‌ବେଲା ଭୁବନେଶ୍ୱର୍ ବିଜୁ ପଟ୍ଟନାୟକ୍ ଖେଲପଡ଼ିଆଠାନେ ଉଦ୍‌ଯାପନୀ ଉଛବ୍‌ଥି ଯୋଗ୍‌ଦେବେ । ଇ ଉଧେ ଗୁଟେ ରାଜ୍ୟସ୍ତରୀୟ ପ୍ରଦର୍ଶନୀ, ସହଭାଗୀ ସେଚ ପରିଚାଲନା ଉପ୍‌ରେ ଗୁଟେ କ୍ଷୁଦ୍ର ଚଲଚ୍ଚିତ୍ର, “ସ୍ରୋତ-ଜଳ ପରିଚାଲନା ପରିବର୍ତନ ଧାରାରେ ମହିଲାଙ୍କ ନେତୃତ୍ୱ” ଶୀର୍ଷକ୍‌ଥି ଗୁଟେ ବୃତ ଚିତ୍ର ବାଗିର୍ ଭିନ୍ ଭିନ୍ କାଯର୍କ୍ୟକ୍ରମ ହେବା ।

ଆଦିବାସୀ ମେଳା          I & PR

ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆନେ ଅନୁସୂଚିତ ଜନଜାତି ଆର୍ ଅନୁସୂଚିତ୍ ଜାତି ଉନ୍ନୟନ ବିଭାଗ୍ ତର୍‌ଫୁ ଆଏଜ୍ ଆଦିବାସୀ ମେଳା-୨୦୨୫ ମୂଲ୍ ହେବା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତାକେ ଉଦ୍‌ଘାଟନ୍ କର୍‌ବେ । ଉସ୍‌ବ୍‌ଥି ବିଭାଗର୍ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ମାନ୍‌କର୍ ସହେତେ ବିଭାଗର୍ ସଚିବ୍‌ମାନେ ଯୋଗ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଇ ମେଳା ଜାନୁୟାରୀ ୧୬ ତାରିଖ ତକ୍ ଚାଲ୍‌ବା । ଇ ମେଳା ଦିନର୍ ଅଢ଼େ ବଜେନୁ ରାତିର୍ ୯ ବଜେତକ୍ ଖୁଲା ରହେବା ଆର୍ ସଞ୍ଝର୍ ସାଢ଼େ ୬ନୁ ସାଢ଼େ ୮ତକ୍ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେବା ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସୁଭଦ୍ରା ଯୋଜନା ଆଇ ଆଣ୍ଡ ପିଆର୍

ଇ ମାସର୍ ୧୫ ତାରିଖ୍ ଉତ୍‌ରୁ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୪ ନମ୍ବର୍ ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌ଙ୍କୁ ଦିଆଯିବା ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କହିଛନ୍ । ଇତାର୍ ସହେତେ ଆଏବା ମାର୍ଚ୍ଚ ୩୧ ତକ୍ ଆବେଦନ୍ କଲେ ଭିଲ୍

ଏକାଥର୍‌କେ ଦୁଇଟା ଯାକ କିସ୍ତି ହିତାଧିକାରୀ ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ ।

ମୁଖ୍ୟମନ୍ତ୍ରୀ-ଜନଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏବାକାଏଲ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଗୁରୁତ୍ୱପୂର୍ଣ୍ଣ କାମ୍ ରହୁଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ସମ୍ବଲପୁର ବିଶ୍ୱବିଦ୍ୟାଳୟ - ଆର୍‌ଏନ୍‌ୟୁ /ସମ୍ବଲପୁର

ସମ୍ବଲପୁର ବିଶ୍ୱବିଦ୍ୟାଳୟର୍ ୫୮ ନମ୍ବର୍ ଥାପ୍‌ନା ଦିବସ୍ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାନେ ଆଏଜ୍ ସଖାଲ୍ ବେଲା ହେବା । କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆଉ ସମ୍ବଲପୁର ସାଂସଦ୍ ଧର୍ମେନ୍ଦ୍ର ପ୍ରଧାନ ମୁଖିଆ କୁନୁଆଁ ହିସାବେ ଯୋଗଦେବେ । ଇ ଅବ୍‌ସରେ ଡକ୍ଟର ପ୍ରତିଭା ଶତପଥୀଙ୍କୁ

ଜାତୀୟ ଗଙ୍ଗାଧର କବିତା ସମ୍ମାନ୍ ୨୦୨୩ଥି ସମ୍ମାନୀତ୍ କରାଯିବା ।

ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍          ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁର୍ ବିର୍ସାମୁଣ୍ଡା ପଡ଼ିଆଠାନେ ଗଲକାଏଲ୍‌ଠାନୁ ୨୭ ନମ୍ବର୍ ସମ୍ବଲ୍‌ପୁର୍ ଲୋକ୍‌ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଆର୍ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ମୁଖିଆ କୁନୁଆ ହିସାବେ ଯୋଗ୍‌ଦେଇକରି ମହୋତ୍ସବ୍ ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଏକବିଂଶ ଶତାବ୍ଦୀନ ଆଧୁନିକ୍ ଆର୍ ବିକଶିତ୍ ସମ୍ବଲପୁର ଗଠନ୍ କର୍‌ବାର ଲାଗି ସମ୍‌କୁ ଦାୟିତ୍ୱ ନେବାର୍‌କେ ପଡ଼୍‌ବା ଆହ୍ୱାନ୍ ଦେଇଛନ୍ । ରଙ୍ଗବତୀ ଗୀତ୍‌ର ବିକଳ୍ପ ନାଇଁନ, ସମ୍ବଲପୁରୀ ଲୋକ୍ ସଂସ୍କୃତିର୍ ଇଟା ପରିଚୟ ଆଏ ବଲି ଶ୍ରୀ ପ୍ରଧାନ କହିଛନ୍ ।

(ଭଏସ୍ ଓଭର୍- ଧର୍ମେନ୍ଦ୍ର ପ୍ରଧାନ)

ଇ ଅବ୍‌ସରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ପଦ୍ମଶ୍ରୀ କ୍ରିଷ୍ଣା ପଟେଲ, ଉତରାଂଚଲ ଆଇଜି ହିମାଂଶୁ ଲାଲ୍ ପ୍ରମୁଖ ଉପସ୍ଥିତ୍ ଥିଲେ ।

ବର୍‌ଗଡ଼୍ ଧନୁଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍‌ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ୍‌ର ଆଏଜ୍ ୩ ନମ୍ବର୍ ଦିନେ କଂସ ମହାରାଜ୍‌ଙ୍କ ଶ୍ୟାମେଶ୍ୱର ମହାଦେବ ଦର୍ଶନ୍, କାରାଗୃହ ପ୍ରବେଶ, ବିଜୁଳି କନ୍ୟାକେ ଦର୍ପନ୍ ଶୀଳାଥି ପ୍ରହାର, ଦୈବବାଣୀ, ନାରଦଙ୍କର୍ ଉପଦେଶ, ପୁତୁନା ଷଡ଼ମଲ୍ଲ ଆବାହନ୍ ଆର୍ ଗୋପପୁର ପ୍ରେରଣ, ଗୋପପୁରେ ନନ୍ଦୋତ୍ସବ, ନଗର ସଂକୀର୍ତନ ସହେତେ କୃଷ୍ଣଙ୍କର ଗୋପପୁର ଭ୍ରମଣ ବାଗିର୍ ଦୃଶ୍ୟ ଅଭିନୟ ହେବା । ଗଲାକାଏଲ୍ ମହାରାଜ୍ କଂସଙ୍କର୍ ରଙ୍ଗମହଲ୍ ଉଦ୍‌ଘାଟନ୍ ହେବା ସହେତେ ଧନୁଯାତ୍ରା ଲାଗି ବନା ହେଇଥିବା ଗୁଟେ ଖାସ୍ ୱେବ୍‌ସାଇଟ୍ ଉନ୍ମୋଚିତ୍ ହେଇଛେ । ଇ ଉଧେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୁନୁଆ ଭାବେ ଯୋଗ୍ ଦେଇଥିଲେ ।

ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର - ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ୪ଟା ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର କେନ୍ଦ୍ର ସରକାରଙ୍କ ତର୍‌ଫୁ ଜାତୀୟ ଗୁଣବତା ସଠିକ୍ କାମ୍‌କାଜ୍‌ର ମାଏନ୍‌ତା ପାଇଛେ । ଆରୋଗ୍ୟ ମନ୍ଦିର ଭିତ୍‌ରେ ନୂଆପଡ଼ା ବ୍ଲକ୍

ଗୋତମା ସ୍ୱାସ୍ଥ୍ୟ ଉପକେନ୍ଦ୍ର, ପରକୋଟ ସ୍ୱାସ୍ଥ୍ୟ ଉପକେନ୍ଦ୍ର, କୋମନା ବ୍ଲକ୍ ଅଗ୍ରେନ୍ ଆଉ ଉଦ୍ୟାନବନ୍ଧ ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଛେ ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ହକି ଇଣ୍ଡିଆ ଲିଗ୍ ନ ଆଏଜ୍ ୨ ଟା ମେଚ୍ ଖେଲାଯିବା । ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ସଞ୍ଜ୍‌ବେଲା ୬ ବଜେ ବେଦାନ୍ତ କଳିଙ୍ଗ ଲାନ୍‌ସର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା । ୨ ନମ୍ବର୍ ମେଚ୍ ରାତିର୍ ୮ ବାଜିକରି ୧୫ ମିନିଟ୍‌ଥି ତାମିଲନାଡୁ ଡ୍ରାଗନ୍ସ ଆର୍ ୟୁପି ରୁଦ୍ରାସ୍ ଭିତ୍‌ରେ ଖେଲାଯିବା ।
ଗଲାକାଏଲ୍ ହେଇଥିବା ମେଚ୍‌ଥି ସ୍ରାଚି ରାହ ବେଙ୍ଗଲ୍ ଦଲ୍ ଦିଲ୍ଲୀ ଏସ୍‌ଜି ପାଇପର୍ସକେ ୪-୧ ଗୋଲ୍‌ଥି ଆଉ ଟିମ୍ ଗୋନାସିକା ଦଲ୍ ହାଇଦ୍ରାବାଦ୍ ତୁଫାନ୍ସକେ ୩-୧ ଗୋଲ୍‌ଥି ହରେଇଛେ ।